ଆର୍. ବରଦରାଜନ

ବନାମ

ଥିରୁମାଙ୍ଗାଇ ନାଇଡୁ ଏବଂ ଅନ୍ୟମାନେ

ମଇ 5, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 136 – ଅପିଲକାରୀ, ତଥ୍ୟକୁ ଦମନ କରି, ବିଜ୍ଞପ୍ତି ପଠାଇଥିଲେ – ବିଜ୍ଞପ୍ତି ପ୍ରତ୍ୟାହାର କରାଯାଇଥିଲା – ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସେବା ସମିତିକୁ ଅପିଲକାରୀଙ୍କ ଦ୍ୱାରା ଦେୟଯୋଗ୍ୟ 5,000 ଟଙ୍କା ମୂଲ୍ୟ ସହିତ ଅପିଲ ଖାରଜ କରାଯାଇଛି – ଭଡ଼ା ଏବଂ ଉଚ୍ଛେଦ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 3640/1997 ।

ଏସ୍.ଏ. ସଂଖ୍ୟା 1673/1982ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 5.1.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ଏମ୍.ଏନ୍. ପଦ୍ମନାଭନ, ପୂଜା ଆନନ୍ଦ ଏବଂ ରେବତୀ ରାଘବନ ।

ଉତ୍ତରଦାତାମାନଙ୍କ ପାଇଁ ହରିଶ ସାଲଭେ ଏବଂ ଏ.ଭି. ରଙ୍ଗମ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ପ୍ରଶ୍ନାଧୀନ ଅଟ୍ଟାଳିକା ସମ୍ପର୍କରେ ଉତ୍ତରଦାତାମାନଙ୍କୁ କ୍ଷତିପୂରଣର ସୀମିତ ପ୍ରଶ୍ନ ଉପରେ ବିଜ୍ଞପ୍ତି, ଅଗଷ୍ଟ 6, 1996ରେ ଏହି ଆଧାରରେ ଜାରି କରାଯାଇଥିଲା ଯେ, ଅପିଲକାରୀ ନିଜେ ଅଟ୍ଟାଳିକାର ଦଖଲରେ ଥିଲେ । ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ପାଲଟା ସତ୍ୟପାଠରେ, ଏହା କୁହାଯାଇଛି ଯେ, ଅପିଲକାରୀ ମାସିକ 1000 ଟଙ୍କା ଭଡ଼ାରେ ଜଣେ ଜସ୍ମିନ୍ ଇଲେକ୍ଟ୍ରିକାଲ୍ସକୁ କୋଠାଟି ଭଡ଼ାରେ ଦେଇଛନ୍ତି ଏବଂ ସେମାନେ ଏହି ପରିସରକୁ ଦଖଲ ଏବଂ ଉପଭୋଗ କରୁଛନ୍ତି । ପ୍ରତ୍ୟୁତ୍ତରରେ, ଅପିଲକାରୀଙ୍କ ଦ୍ୱାରା ଅନୁଚ୍ଛେଦ 8ରେ ଏହା ସ୍ୱୀକାର କରାଯାଇଛି ଯାହା ନିମ୍ନରେ ବର୍ଣ୍ଣିତ:

> "ଏହା ସତ୍ୟ ଯେ, ମୁଁ ଜଣେ ଜସ୍ମିନ୍ ଏଲେକ୍ଟ୍ରିକାଲ୍ସକୁ ଅନୁମତି ଦେଇଥିଲି, କିନ୍ତୁ ତାହା କେବଳ 1993ରୁ ଏବଂ ପୂର୍ବରୁ ନୁହେଁ । ଏହା କହିବା ସମ୍ପୂର୍ଣ୍ଣ ଭୁଲ ଯେ, ମୁଁ 1968 ମସିହାରୁ ସମ୍ପତ୍ତିରୁ ଭଡ଼ା ଆୟ ଆଦାୟ କରୁଛି ।"

ଏହାଦ୍ୱାରା ସେ ଘରଟି ଭଡ଼ାରେ ଦେଇଥିବା ସ୍ୱୀକାରୋକ୍ତି ପ୍ରମାଣିତ ହୁଏ । ମହମ୍ମଦ ରଫିକ୍ ନାମକ ଜଣେ ବ୍ୟକ୍ତି ମାଲିକଙ୍କ ବିରୁଦ୍ଧରେ ନିଷେଧାଦେଶ ପାଇଁ କୁଡାଲୋର ଜିଲ୍ଲା ମୁନସିଫଙ୍କ ନ୍ୟାୟାଳୟରେ ଓ.ଏସ୍. ସଂଖ୍ୟା 6/97 ଦାଖଲ

କରିଥିଲେ । ସେଥିରେ ସେ କହିଥିଲେ ଯେ, ସେ 1987 ମସିହା ମାର୍ଚ୍ଚ 11 ତାରିଖରେ ଏକ ଦଖଲ ମିଆଦି ଅନୁମତି ପତ୍ର ଚୁକ୍ତିରେ ପ୍ରବେଶ କରିଥିଲେ । 30 ଏପ୍ରିଲ 1990 ମସିହାରେ ଆଉ ଏକ ସାନି ଦଲିଲ କାର୍ଯ୍ୟକାରୀ କରାଯାଇଥିଲା । ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଆଧାରରେ ସେ ନିଷେଧାଦେଶ ଦାବି କରିଥିଲେ । ତେଣୁ ଏହା ଦେଖିବାକୁ ମିଳିଥିଲା ଯେ, ଅପିଲକାରୀ ବିଜ୍ଞପ୍ତି ଜାରି କରିବା ପୂର୍ବରୁ ଏହି ମୌଳିକ ତଥ୍ୟଗୁଡ଼ିକୁ ଲୁଚାଇ ରଖିଛନ୍ତି । ତଦନୁସାରେ ବିଜ୍ଞପ୍ତି ପ୍ରତ୍ୟାହାର କରାଯାଇଛି ।

ଆଜିଠାରୁ 30 ଦିନ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସେବା ସମିତିକୁ ଅପିଲକାରୀଙ୍କ ଦ୍ୱାରା ଦେୟଯୋଗ୍ୟ 5,000 ଟଙ୍କା ସହିତ ଅପିଲ ଖାରଜ କରାଯାଇଛି । ଯଦି ସେ ଖର୍ଚ୍ଚ ନ ଦିଅନ୍ତି, ତେବେ ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସେବା ସମିତି ଏହି ଆଦେଶକୁ ଡିକ୍ରି ଭାବରେ କାର୍ଯ୍ୟକାରୀ କରିବାକୁ ସ୍ୱାଧୀନ ଅଟନ୍ତି ।

ଆର୍.ପି. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ